# ତହସିଲ କାର୍ଯ୍ୟାଳୟ ରାସଗୋବିନ୍ଦପୁର , ଜିଲ୍ଲା-ମୟୂରଭଞ୍ଜ

ବିଜ୍ଞାପନ ସଂ- ୨୦୪୨ //ତା ୨୧.୦୭.୨୨

## ଲଘୁ ଖଣିଜ ଉତ୍ସର ପାଞ୍ଚ ବର୍ଷୀୟ ଦୀର୍ଘ ମିଆଦି ଲିଜ ନିମନ୍ତେ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ରାସଗୋବିନ୍ଦପୁର ତହସିଲ ଅନ୍ତର୍ଗତ ପିଙ୍ଗୁଳି-ପଥରଚାଟିଆ **ଜମ୍ବୀରା ନଦୀ ଶଯ୍ୟା** ନିମନ୍ତେ 2022-23 ଆର୍ଥିକ ବର୍ଷଠାରୁ ଦୀର୍ଘମିଆଦି ଲିଜ ପାଞ୍ଚ ବର୍ଷ ନିମନ୍ତେ (2022-23 ରୁ ପାଞ୍ଚ ବର୍ଷ) ତହସିଲଦାର ରାସଗୋବିନ୍ଦପୁର ଦ୍ୱାରା ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ବିଶେଷ OMMC Rule-2016 ର Form-M ପୂରଣ କରି ଏହାର ତିନି କପି original ସହ ନିମ୍ନଲିଖିତ ଦଲିଲ ସଂଲଗ୍ନ କରି ଜଉମୁଦା ଲଫାପା ଉପରେ ସୈରାତ ଉତ୍ସର ନାମ ଏବଂ କେଶ ନଂ ଲେଖି ଆବେଦନ କରିବେ ଯାହାକି ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଥିବା ଟେଣ୍ଡର ବକ୍ସରେ କିମ୍ବା Registered/ Speed Post ରେ **22.08.2022** ରିଖ ଅପରାହ୍ନ **୦୫.୦୦** ଘଟିକା ସୁଦ୍ଧା ପକାଇବା ପାଇଁ ଧାର୍ଯ୍ୟ କରାଯାଇଅଛି । ଧାର୍ଯ୍ୟ ସମୟ ଅତିବାହିତ ହେଲା ପରେ କୌଣସି ଦରଖାସ୍ତ ଗ୍ରହଣ କରାଯିବ ନାହିଁ । ତା **23.08.2022** ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଲିଜ ଦରଖାସ୍ତ କାରି କିମ୍ବା ତାଙ୍କ ଦ୍ୱାରା କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତରେ ଦରଖାସ୍ତ ଗୁଡିକ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ତନଖି କରାଯାଇ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ପ୍ରଥମ ଧାର୍ଯ୍ୟ ଦିବସରେ ଲିଜ ଚୁଡାନ୍ତ ହୋଇପାରିନଥିବା ଉତ୍ସ ପାଇଁ ଦ୍ୱିତୀୟ ଏବଂ ତୃତୀୟ ପର୍ଯ୍ୟାୟରେ ଯଥାକ୍ରମେ ତା **29.08.2022** ରିଖ ଏବଂ ତା **05.09.2022** ରିଖ ଅପରାହ୍ନ **୫.00** ଘଟିକା ପର୍ଯନ୍ତ ଦରଖାସ୍ତ ଗ୍ରହଣ କରାଯାଇ ପରଦିନ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ ଉପର ବର୍ଣିତ ପ୍ରକ୍ରିୟାରେ ତନଖି କରାଯାଇ ଲିଜ ଚୁଡାନ୍ତ କରାଯିବ । ଲିଜ ସମ୍ବନ୍ଧୀୟ ସମସ୍ତ ସର୍ତ୍ତାବଳି ରାସଗୋବିନ୍ଦପୁର ତହସିଲ କାର୍ଯ୍ୟାଳୟରେ ସମସ୍ତ କାର୍ଯ୍ୟ ଦିବସରେ ଏବଂ ଜିଲ୍ଲା ୱେବସାଇଟ www.mayurbhanj.nic.in ରେ ମିଳିପାରିବ । **କୌଣସି କାରଣ ନ ଦର୍ଶାଇ ଲିଜ ସ୍ଥଗିତ କିମ୍ବା ରଦ୍ଦ କରିବାର କ୍ଷମତା ନିମ୍ନ ସ୍ୱାକ୍ଷରକାରୀଙ୍କର ରହିଅଛି ।**

ଆବେଦନ ପତ୍ର (Form-M) ସହିତ ଦାଖଲ କରିବାକୁ ଥିବା ଦଲିଲ/କାଗଜପତ୍ର:

୧. ଦରଖାସ୍ତ ଫି ବାବଦକୁ ଟ ୧୦୦୦.୦୦ ଙ୍କା(ଏକ ହଜାର ଟଙ୍କା)ଟ୍ରେଜେରୀ ଚାଲାଣ ଯାହା ଫେରସ୍ତ ଯୋଗ୍ୟ ନୁହେଁ ଏବଂ ଏହା ନିମ୍ନ ଲିଖିତ Head of account ରେ ଜମା ହେବା ଉଚିତ ।

**0853-Non-ferrous mining & metallurgical 102-Mineral concession fees, rent & royalties -0217-receipts under Odisha Minor Minerals concession fees, rents & royalties(New)- 02021**

2. ଖଣିଜ ଦ୍ରବ୍ୟ  ବାବଦରେ କୌଣସି ଦେୟ ବକେୟା ନଥିବା ସମ୍ବନ୍ଧୀୟ ସତ୍ୟପାଠ ।

3. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ସ୍ଥାବର ସମ୍ପତ୍ତିର ( Immovable property ) ତାଲିକା ଦେବାକୁ ପଡିବ।

Bank Guarantee (୧୮ ମାସ ର ବୈଧତା ଥିବା ଆବଶ୍ୟକ) କିମ୍ବା 2021-22 ଆର୍ଥିକ ବର୍ଷର ଆୟକର ବିବରଣୀ ଯାହାକି **Mining Plan ରେ ଧାର୍ଯ୍ୟ କରାଯାଇଥିବା ପ୍ରଥମ ବାର୍ଷିକ** ଉତ୍ତଳନ ପରିମାଣ (15500 Cum) ଓ ଦରଖାସ୍ତକାରୀ Additional Charge offered ଉପରେ ଧାର୍ଯ୍ୟ ହେବ।

Bank Guarantee or Income Tax Return = **Mining Plan ରେ ଧାର୍ଯ୍ୟ କରାଯାଇଥିବା ପ୍ରଥମ ବାର୍ଷିକ** ଉତ୍ତଳନ ପରିମାଣ (15500 Cum) x ( Royalty + Additional Charge offered )

5. Royalty ଏବଂ Additional Charge quoted ଓ **ପ୍ରାଧିକୃତ ଅଧିକାରୀଙ୍କ ଦ୍ଵାରା ଦାଖଲ ହୋଇଥିବା Mining Plan ରେ ଧାର୍ଯ୍ୟ କରାଯାଇଥିବା ପ୍ରଥମ ବାର୍ଷିକ** ଉତ୍ତଳନ ପରିମାଣ (15500 Cum) ଉପରେ, ଉପରେ ବଇନା ରାଶି (EMD) ଧାର୍ଯ୍ୟ ହେବ । ଉକ୍ତ ଧାର୍ଯ୍ୟ ବଇନା ରାଶି (EMD), Bank draft ଆକାରରେ Tahasildar Rasgovindpur ନାମରେ payable at P.N.B., Rasgovindpur Branch କରିବା ବାଞ୍ଛନୀୟ ଅଟେ, ନଚେତ ଦରଖାସ୍ତ ଟିକୁ ବିଚାକୁ ନିଆଯିବ ନାହିଁ ।

EMD = (Royalty + Additional Charge Quoted ) x **Mining Plan ରେ ଧାର୍ଯ୍ୟ କରାଯାଇଥିବା ପ୍ରଥମ ବାର୍ଷିକ** ଉତ୍ତଳନ ପରିମାଣ (15500 Cum) ର 5 %.

6. ଦରଖାସ୍ତ କାରୀଙ୍କ GST Registration Certificate .

7. ଦରଖାସ୍ତ କାରୀଙ୍କ GST ବାବଦକୁ କୌଣସି ବାକି ନଥିବା ର ଚିଠି କିମ୍ବା ସାର୍ଟିଫିକେଟ ପ୍ରାଧିକୃତ GST ଅଧିକାରୀଙ୍କ ଠାରୁ ପ୍ରଦାନ କରିବେ ।

<u>ସର୍ତ୍ତାବଳୀ :</u>

**୧. ଆବେଦନକାରୀ ଓଡିଶା ଲଘୁଖନିଜ ଦ୍ରବ୍ୟ ରିହାତି ଆଇନ OMMC Rule-2016, ଲଘୁ ଖଣିଜ ଦ୍ରବ୍ଯ ରିହାତି ସଂଶୋଧନ ନିୟମାବଳୀ ୨୦୨୨ ଓ Manual of Tahasil Account ର ପରିସର ଭୁକ୍ତ ରହିବେ । ଏତଦବ୍ୟତୀତ ଯଦି ସରକାରଙ୍କ ଦ୍ଵାରା ଆଇନ ରେ କିଛି ପରିବର୍ତନ କରାଯାଏ, ତେବେ ତାହା ପାଳନ କରିବେ।**

**୨. ଲିଜ ଆବେଦନ କରିବା ପୂର୍ବରୁ ଆବେଦନକାରୀ ଲଘୁ ଖଣିଜ ଖାଦାନ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଏବଂ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଲିଜରେ ଭାଗ ନେବେ । ପରବର୍ତ୍ତୀ ସମୟରେ ସୈରାତ ଚଳାଇବା ବାବଦରେ କୌଣସି ଅଭିଯୋଗ ଗ୍ରହଣୀୟ ହେବ ନାହିଁ ।**

୩. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଜୟ ପାଇଁ କର୍ତୃପକ୍ଷ୍ୟ ଦାଇ ରହିବେ ନହିଁ ।

୪. ନିଲାମଧାରୀ Mining ପ୍ଲାନ , Irrigation, ପରିବେଶ ମଞ୍ଜୁରୀ ଏବଂ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ସମ୍ମତି ସର୍ତ୍ତ ମୁତାବକ ବାଲି ଉତ୍ତୋଳନ କରିବେ ।

ଆବେଦନକାରୀ ଦରଖାସ୍ତରେ Royalty ଏବଂ Additional Charge ସ୍ପଷ୍ଟ ଭାବରେ ଲେଖିବେ ଯାହା ସର୍ବନିମ୍ନ ଧାର୍ଯ୍ୟ Royalty ଏବଂ Additional Charge ଠାରୁ କମ ହୋଇନଥିବ । ସର୍ବନିମ୍ନ Royalty ଏବଂ Additional Charge ଠାରୁ କମ ଦର୍ଶଯାଇଥିବା କିମ୍ବା ଆବଶ୍ୟକୀୟ କାଗଜାତ ସଂଲଗ୍ନ ନଥିବା ଦରଖାସ୍ତକୁ ବିଚାରକୁ ନିଆଯିବ ନାହିଁ ।

**ଲିଜର ସମସ୍ତ ସର୍ତ୍ତାବଳୀ ପାଳନ କରୁଥିବା ତଥା ସର୍ବାଧିକ Royaltyଏବଂ Additional Chargeଦର୍ଶାଇଥିବା ଆବେଦନ କାରୀଙ୍କୁ ଲିଜ ପ୍ରଦାନ କରାଯିବ । ଯଦି ଏକାଧିକ ଆବେଦନକାରୀଙ୍କ ଦ୍ୱାରା ଦର୍ଶଯାଇଥିବା ଏହି ମୂଲ୍ୟ ସମାନ ଥାଏ ତେବେ ଲଟେରୀ ମାଧମରେ ଲିଜଧାରୀଙ୍କୁ ଚୟନ କରାଯିବ ।**

୬. ବିଗତ ବର୍ଷ ୧୪.୧୨.୨୦୧୬ ଠାରୁ ଲଘୁ ଖଣିଜ ଜାତ ଦ୍ରବ୍ୟ ପାଇଁ OMMC Rule-2016 ଅନୁଯାଇ ନିମ୍ନମତେ (Royalty, Surface Rent ଏବଂ Dead Rent) ଧାର୍ଯ୍ୟ ହୋଇଅଛି ।

**Sand per Cum ..............................................................................Rs.35.00**

**Surface Rent per Ha. Per Annum for all Minor Minerals ............Rs.360.00**

**Dead Rent per Ha. Per Annum for Sand ....................................Rs.10,500.00**

**(Dead Rent and Royalty Both are payable)**

ସର୍ବନିମ୍ନ ଅତିରିକ୍ତ ଦେୟ (Additional Charge) .**482.00** ଟଙ୍କା ରୁ କମ ହେବା ଉଚିତ ନୁହେଁ ।

୭. ଯୋଗ୍ୟ ଆବେଦନକାରୀଙ୍କୁ ମନୋନୟନର ୭ ଦିନ ମଧ୍ୟରେ ନିର୍ଦ୍ଧାରିତ ଫର୍ମ " F " ରେ ସୁଚିତ କରାଯିବ ଏବଂ ସୂଚନା ପାଇବାର ୧୫ ଦିନ ମଧ୍ୟରେ ସେ ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ -୨୦୧୬ ରେ ଥିବା ସର୍ତ୍ତାବଳୀ ଗ୍ରହଣ ପୂର୍ବକ ସମ୍ମତି ପ୍ରଦାନ କରିବେ ଏବଂ ଧାର୍ଯ୍ୟ ହୋଇଥିବା ବାର୍ଷିକ ସର୍ବନିମ୍ନ ଉତ୍ତୋଳନ ପରିମାଣ ଉପରେ ଦରଖାସ୍ତରେ ଦର୍ଶାଇଥିବା Royaltyଏବଂ **Additional Charge** ତଥା **District Mineral Foundation** କୁ ଥିବା ଦେୟର ଏକ ଚତୁର୍ଥାଂଶରୁ ଅମାନତ ରାଶି ବାଦ ଦେଇ ବଳକା ଅର୍ଥ **Draft** କିମ୍ବା **Cash** ଆକାରରେ ନିମ୍ନ ସ୍ୱାକ୍ଷରକାରୀଙ୍କ ଠାରେ ଜମା କରିବେ ।

Security deposit = (Royalty + Additional Charge ) x **Mining Plan ରେ ଧାର୍ଯ୍ୟ କରାଯାଇଥିବା ପ୍ରଥମ ବାର୍ଷିକ** ଉତ୍ତଳନ ପରିମାଣ (15500 Cum) + DMF to be contributed ର 25%।

୮. ଯଦି ଯୋଗ୍ୟ ଆବେଦନକାରୀ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ସମସ୍ତ ଦେୟ ପଇଠ ନ କରନ୍ତି ବା ଖିଲାପ କରନ୍ତି ତା ହେଲେ ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ।

୯. ଯଦି ଦ୍ୱିତୀୟ ସର୍ବାଧିକ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ଅର୍ଥ ରାଶି ପ୍ରଥମ ସର୍ବଚ୍ଚ ମୂଲ୍ୟାଙ୍କ କରିଥିବା ଆବେଦନକାରୀଙ୍କ ଅର୍ଥ ରାଶି ଠାରୁ ଅତିକମ ହୋଇଥାଏ ତେବେ ଲିଜ ପ୍ରକ୍ରିୟାକୁ ରଦ୍ଧ କରାଯାଇ Controlling Authority ଙ୍କ ଅନୁମତି କ୍ରମେ ନୂତନ ରୂପେ ନିଲାମ କରାଯିବ।

. ଲିଜ ଦେବାକୁଥିବା ସୈରାତ ଉତ୍ସଗୁଡିକର **Mining Plan** ଏବଂ ପରିବେଶ ମଞ୍ଜୁରୀ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଠାରୁ ହସ୍ତଗତ ହୋଇଅଛି । ହସ୍ତଗତ ହୋଇଥିବା **Mining Plan** ସମ୍ପୃକ୍ତ ଉତ୍ସର ଖର୍ଚ୍ଚ ବାବଦକୁ ଆବଶ୍ୟକୀୟ ଦେୟ ଲିଜଧାରୀ ଚୁକ୍ତିନାମା ପୂର୍ବରୁ ଦାଖଲ କରିବେ । ଏଥି ସହିତ ଲିଜ ଧାରି ବିଜ୍ଞାପନ ଓ ଅନ୍ୟାନ୍ୟ ଖର୍ଚ୍ଚ ବହନ କରିବେ।

୧୧. ଲିଜଧାରୀ Royalty, Additional Charge, EMF, DMF, GST, SEIAA ଙ୍କ ଦ୍ୱାରା ଧାର୍ଯ୍ୟ ହୋଇଥିବା ପରିମାଣ ଅନୁସାରେ ପ୍ରଥମ ବାର୍ଷିକ ଦେୟ ପଇଠ କରିବେ। ପରବର୍ତ୍ତୀ ବର୍ଷ ଗୁଡିକ ପାଇଁ ଲିଜଧାରୀ replenishment study ର ବିବରଣୀ ଦାଖଲ କରିବେ ଓ ଉକ୍ତ ବିବରଣୀ SEIAA ଙ୍କ ନିକଟକୁ ଧାର୍ଯ୍ୟ ପରିମାଣର ପରିବର୍ତ୍ତନ ପାଇଁ ପ୍ରେରଣ କରାଯିବ ଏବଂ SEIAA ଙ୍କ ଅନୁମୋଦନ କ୍ରମେ ଉକ୍ତ ପରିମାଣ ଅନୁସାରେ ଦେୟ ପଇଠ କରିବେ।

୧୨. ଲିଜଧାରୀ Royalty, Additional Charge, ସହିତ ନିର୍ଦ୍ଧାରିତ Surface Rent, Dead Rent, Fees for Compensatory a forestation, Royalty ଏବଂ Additional Charge ର ୧୦ ପ୍ରତିଶତ District Mineral Foundation Fees, ୫ ପ୍ରତିଶତ Environmental Management Fund ଏବଂ 18 ପ୍ରତିଶତ GST ବାବଦକୁ ଦାଖଲ କରିବେ ।

୧୩. ଲିଜଧାରୀ GST certificate ପ୍ରଦାନ କରିବା ବାଧ୍ୟତା ମୂଳକ ଅଟେ।

**୧୪. ସର୍ବନିମ୍ନ ବାର୍ଷିକ ଉତ୍ତୋଳନ ଠାରୁ ଅଧିକ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ନହିଁ ।**

୧୫. ଲିଜଧାରୀ ସୈରାତ ଉତ୍ସର ପରିବେଶ ମଞ୍ଜୁରୀ ( EC from SEIAA) ଯାହାକି ତହସିଲଦାର ରସଗୋବିନ୍ଦପୁରଙ୍କ ନାମ ରେ ହସ୍ତଗତ ହୋଇଅଛି ତାହା lease Registration ହେବା ପୂର୍ବରୁ ନିଜ ନାମରେ ନିଜ ଖର୍ଚ୍ଚରେ ହସ୍ତାନ୍ତର କରିବେ।

୧୬. ପରିବେଶ ମଞ୍ଜୁରୀ ମିଳିବା ପରେ ଲିଜଧାରୀ Registration Act.1908 ଏବଂ Stamp Act.1899 ଅନୁଯାଇ ନିଜ ଖର୍ଚ୍ଚରେ ଚୁକ୍ତିନାମା ସମ୍ପାଦନ କରିବେ ।,

୧୭. ଲିଜଧାରୀ ସୈରାତ ଉତ୍ସରୁ ଲଘୁଖଣିଜ ପଦାର୍ଥ ଉତ୍ତୋଳନ ପୂର୍ବରୁ ରାଜ୍ୟ ପ୍ରଦୂଷଣ ବୋର୍ଡରୁ ସମ୍ମତି ଆଣିବେ ।

୧୮. ଲିଜଧାରୀ ନିଜ ଖର୍ଚ୍ଚ ରେ ସୈରାତ ଉତ୍ସଥିବା ପ୍ଲଟର ନକ୍ସା ଅନୁଯାଇ ସିମେଣ୍ଟ ଖୁଣ୍ଟ ଦ୍ୱାରା ଚିହ୍ନଟ କରିବେ ଏବଂ ସମ୍ମୁଖ ଭାଗରେ ଏକ Display Board ତିଆରି କରି ସେଥିରେ ସୈରାତ ଉତ୍ସର ନାମ, ନକ୍ସା, ଲିଜ ଅବଧି, ଲିଜଧାରୀଙ୍କ ନାମ ଏବଂ ଅନ୍ୟାନ୍ୟ ତଥ୍ୟ ଉଲ୍ଲେଖ କରିବେ ।

୧୯. ଉପୋରକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ କରିବା ପାରେ କାର୍ଯ୍ୟାଦେଶ ଦିଆଯିବ । କ୍ଷମତା ପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ପାଇବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉତ୍ତୋଳନ କରିପାରିବେ ନାହିଁ ।

୨୦. ସରକାରଙ୍କ ଦ୍ୱାରା ନିୟମରେ କୌଣସି ପରିବର୍ତ୍ତନ କରାଗଲେ ତାହା ଲିଜଧାରୀ ପାଳନ କରିବାକୁ ବାଧ ରହିବେ ।

୨୧. ବାଲି ନିଲାମଧାରୀ ନଦୀ ଶଯ୍ୟାର ତିନି ମିଟର ଗଭୀରତା ଓ ଜଳସ୍ତର ମଧ୍ୟରୁ ଯେଉଁଟି କମ ସେହି ଗଭୀରତାରୁ ଅଧିକ କିମ୍ବା ଦାୟିତ୍ୱରେ ଥିବା ଯନ୍ତ୍ରି ଙ୍କ ନିର୍ଦ୍ଧାରିତ ସର୍ତ୍ତ ବ୍ୟତିକ୍ରମ କରି ବାଲି ଖନନ କରିପାରିବେ ନାହିଁ ।

୭. ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହେଲେ ତାହା ସଂଶୋଧନ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କ ପାଖରେ ରହିଅଛି ।

## ଲିଜ ପାଇଁ ଉଦ୍ଦିଷ୍ଟ ବାଲି ଉତ୍ସ ର ବିସ୍ତାରିତ ବିବରଣୀ

| କ୍ରମିକ ସଂଖ୍ୟା | ସଇରାତ ଉତ୍ସର ନାମ ଏବଂ କେସ ନମ୍ବର | ମୌଜାର ନାମ | ଖାତା ନଂ. | ପ୍ଲଟ ନଂ. | ରକବା In Acre | ଧାର୍ଯ୍ୟ ସରକାରୀ ମୂଲ୍ୟ ଓ ସର୍ବନିମ୍ନ ଅତିରିକ୍ତ ଦେୟ | ପ୍ରଥମ ବାର୍ଷିକ ବାଲି ଉଠାଇବାର ପରିମାଣ |
|---|---|---|---|---|---|---|---|
| 1 | ପିଙ୍ଗୁଳି-ପଥରଚାଟିଆ ଜମ୍ବୀରା ନଦୀ ବାଲି ଶଯ୍ୟା T.M.C. No. 09/2020-21 | ପିଙ୍ଗୁଳି<br><br>ପଥରଚାଟିଆ | 88<br><br>173 | 189/690/1<br>448<br>666 | 4.06<br>6.40<br>1.89<br>12.35 | ଟ. ୩୫.୦୦+<br>ଟ./୪୮୨.୦୦ +<br>= ଟ ୫୧୭.୦୦ | ପରିବେଶ ମଞ୍ଜୁରୀ ଅନୁଯାଇ 5000 Cum |

ଜ୍ଞାପକ ସଂଖ୍ୟା 3043 //ତା 21.7.22 //

ଏହାର ଏକକିତା ନକଲ ଜିଲ୍ଲାପାଳ, ମୟୂରଭଞ୍ଜ /ଉପ-ଜିଲ୍ଲାପାଳ , ବାରିପଦା , /ଗୋଷ୍ଠୀ ଉନ୍ନୟନ ଅଧିକାରୀ, ରାସଗୋବିନ୍ଦପୁର /ରାସଗୋବିନ୍ଦପୁର ତହସିଲ ଅଧିନସ୍ଥ ସମସ୍ତ ରାଜସ୍ୱ ନିରୀକ୍ଷକ/ରାସଗୋବିନ୍ଦପୁର ପଞ୍ଚାୟତ ସମିତିର ସମସ୍ତ ସାରପଞ୍ଚଙ୍କ ଅବଗତି ତଥା ବହୁଳ ପ୍ରଚାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ସୂଚନା ଅଧିକାରୀ, ମୟୂରଭଞ୍ଜଙ୍କୁ ଜିଲ୍ଲା Website ରେ ପ୍ରକାଶନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ରାସଗୋବିନ୍ଦପୁର
TAHASILDAR
Rasgobindpur

ଜ୍ଞାପକ ସଂଖ୍ୟା 3044 //ତା 21.7.22 // ଏହାର ଏକକିତା ନକଲ ତହସିଲଦାର, ରାସଗୋବିନ୍ଦପୁର କାର୍ଯ୍ୟାଳୟ ନୋଟିସ ବୋର୍ଡରେ ସର୍ବସାଧାରଙ୍କ ଅବଗତି ନିମନ୍ତେ ଦିଆଗଲା ।

ତହସିଲଦାର, ରାସଗୋବିନ୍ଦପୁର
TAHASILDAR
Rasgobindpur